ICSE ACADEMY
www.spellbeeacademy.com

SpellIndia
INDIA's No. 1
SPELLING BEE
Preparatory Study Material Provider
www.phonicsestore.com

Pati's

# PREPARE

for

# ICSE

Class 10

# ODIYA

Questions ONLY

A Collection of Questions from Prelim exam papers of various ICSE schools

Pati's

# ICSE ACADEMY:
# How to Prepare for ICSE Class 10 exams

https://www.spellbeeacademy.com/icse.html

## How to Prepare for ICSE Class 10 exams : Free Resources

Please click on subject to proceed further.

We will keep adding resources here till "March 2026".

So, save this link, keep visiting and stay updated.

( Resources include : Syllabus, Past Year Papers, Specimen Papers, Competency based Questions, Books pdf downloadable, 350+ Term Papers / Prelim Papers of various schools - across subjects, etc. )

01 English Literature
02 English Language
03 Geography
04 History & Civics
05 Physics
06 Chemistry
07 Mathematics
08 Biology
09 Computer Applications
10 Physical Education
11 Hindi
12 Commercial Studies
13 Economics
14 Technical Drawing
15 Environmental Science
16 Home Science
17 Gujarati
18 Marathi
19 French

**SCAN QR code to buy the book at amazon NOW.**












**Scan QR code** for Free Access to
500+ Prelim Papers across 20 subjects





























ICSE ACADEMY

# Set 3 : Question Papers

1. Association of Odisha ICSE Schools

2025-2026 - Prelim 2

Pati's ICSE ACADEMY

# ASSOCIATION OF ODISHA I.C.S.C. SCHOOLS

## MODEL EXAMINATION -2026

Class - X Odia Second Language

Full mark :- 80 Time :- 3hours

Answers to this Paper must be written on the paper provided separately. You will not be allowed to write during the first 15 minutes. This time is to be spent in reeading the question paper. The time given at he head of this paper is the time allowed for writing the answers. This paper comprises of two section. Section - A and Section - B. Attempt all questions from Section - A. Attempt four questions from Section - B. Answering at least one question each from the two books you have studied and any two other questions. The intended marks for questions or parts of question are given in brackets. [ ].

## Section - A( 40 Marks)

Attempt all questions from this Section

ପ୍ରତ୍ୟେକ ପ୍ରଶ୍ନ ବାଧ୍ୟତା ମୂଳକ ଅଟେ ।

**Question - 1.**

Write a short composition in Odia of approximately 250 words on any one of the following topics .(15)

ନିମ୍ନଲିଖିତ ବିଷୟମାନଙ୍କ ମଧ୍ୟରୁ ଯେ କୌଣସି ଗୋଟିଏ ବିଷୟରେ ପ୍ରାୟ ୨୫୦ ଶବ୍ଦ ମଧ୍ୟରେ ରଚନାଟିଏ ଲେଖ । (୧୫)

କ) ଆତ୍ମନିର୍ଭର ଭାରତ ।

ଖ) ଛାତ୍ର ଜୀବନରେ ସାହିତ୍ୟ ପଢ଼ାର ଆବଶ୍ୟକତା ।

ଗ) ପର୍ବପର୍ବାଣି ଓଡ଼ିଆ ଜାତିର ସଂସ୍କୃତିର ପରିଚୟ ଦିଏ ।

ଘ) "ନାହିଁ ମାମୁ ଠାରୁ କଣା ମାମୁ ଭଲ" - ପ୍ରବାଦକୁ ଆଧାର କରି ନିଜସ୍ୱ ଭାଷା ଗଳ୍ପଟିଏ ଲେଖ ।

ଙ) ନିମ୍ନରେ ଦିଆଯାଇଥିବା ଚିତ୍ରକୁ ଅନୁଧାନ କରି ଯାହା ବୁଝୁଛ ତାହା ଉଲ୍ଲେଖ କର ।



**Question - 2.**

Write a letter in Odia in approximately 120 words on any one of the topics given below :-

ନିମ୍ନଲିଖିତ ବିଷୟ ମାନଙ୍କ ମଧ୍ୟରୁ ଯେ କୌଣସି ଗୋଟିଏ ବିଷୟରେ ପ୍ରାୟ ୧୨୦ ଶବ୍ଦ ମଧ୍ୟରେ ପତ୍ରଟିଏ ଲେଖ :-

କ) ତୁମ ପରିବାର ବର୍ଗଙ୍କ ନିମନ୍ତେ ତୁମେ ଏକ ବଣ ଭୋଜିର ଆୟୋଜନ କରିଥିଲ । ଏହାର ବର୍ଣ୍ଣନା କରି ବନ୍ଧୁ ନିକଟକୁ ପତ୍ରଟିଏ ଲେଖ ।

ଖ) ତୁମ ବିଦ୍ୟାଳୟ ସମ୍ମୁଖରେ ଥିବା ସଡ଼କଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାରୁ ଏହାର ମରାମତି ପାଇଁ ଦାବିକରି କର୍ତ୍ତୃପକ୍ଷଙ୍କ ନିକଟକୁ ପତ୍ରଟିଏ ଲେଖ ।

**Question - 3.**

Read the passage given below and answer in Odia the questions that follow using your own words as far as possible.

ଦିଆ ଯାଇଥିବା ଅନୁଚ୍ଛେଦଟିକୁ ପଢ଼ ଓ ତଳେ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର ଓଡ଼ିଆରେ ଲେଖ । ଉତ୍ତର ଗୁଡ଼ିକ ଯଥା ସମ୍ଭବ ନିଜ ଶବ୍ଦରେ ହେବା ଉଚିତ ।

### ଆଚାର୍ଯ୍ୟ ହରିହର

୧୯୧୨ରେ ହରିହର ଚାଲିଲେ ସତ୍ୟବାଦୀର ବକୁଳବନ ବିଦ୍ୟାଳୟକୁ । ଉତ୍କଳମଣି, ନୀଳକଣ୍ଠ, ଗୋଦାବରୀଶ, ନନ୍ଦକିଶୋର, କୃପାସିନ୍ଧୁଙ୍କ ଗହଣରେ ସେଠାରେ ସେ ଆଦର୍ଶ ବିଦ୍ୟାଳୟ ଚଳାଇବାରେ ଭାଗୀ ହୋଇଥିଲେ । ୧୯୨୧ରେ ଅସହଯୋଗ ଆରମ୍ଭ ହେଲା । ସତ୍ୟବାଦୀ ହାଇସ୍କୁଲକୁ ଜାତୀୟ ସ୍କୁଲରେ ପରିଣତ କରାଗଲା । ଗୋପବନ୍ଧୁ ଅସହଯୋଗ ଆନ୍ଦୋଳନରେ ଯୋଗଦେବାରୁ ସରକାରଙ୍କ ବିଷଦୃଷ୍ଟି ଏହି ସ୍କୁଲ ଉପରେ ପଡ଼ିଲା ଓ ଏହା କ୍ରମେ ବନ୍ଦ ହୋଇଗଲା । ହରିହରଙ୍କ ଶିକ୍ଷକ ଜୀବନ ଏହିଠାରେ ଶେଷ ହେଲେ ମଧ୍ୟ ଶିକ୍ଷାଦାନର ସୁଯୋଗ ସେ ସବୁବେଳେ ଖୋଜିଛନ୍ତି । ୧୯୩୦ରେ ହଜାରିବାଗ ଜେଲ୍ ଭିତରେ ବନ୍ଦୀମାନଙ୍କୁ ପଢ଼ାଇବାର ଦାୟିତ୍ୱ ତାଙ୍କରି ଉପରେ ଥିଲା । ଭାରତଛାଡ଼ ଆନ୍ଦୋଳନରେ ଯୋଗଦେଇ ସେ ଯେତେବେଳେ ୧୯୪୨ ଅଗଷ୍ଟରେ ବ୍ରହ୍ମପୁର ଜେଲ୍‌ରେ ଅଟକବନ୍ଦୀ ହେଲେ, ସେତେବେଳେ ଆରମ୍ଭ କରିଥିଲେ ଗୀତା କ୍ଲାସ୍ । ଦୀର୍ଘ ଦୁଇ ବର୍ଷ କାଳ ପ୍ରତିଦିନ ଜଗନ୍ନାଥ ଦାସ, ଲୋକନାଥ ମିଶ୍ର, ଗୋପବନ୍ଧୁ ଚୌଧୁରୀ ଓ ଭାଗୀରଥି ମହାପାତ୍ରଙ୍କ ମେଳରେ ବସି ସେ ଗୀତା ଓ ଉପନିଷେଦ ପଢ଼ାନ୍ତି । ସେହିଠାରେ ହିଁ ଶ୍ରୀମଦ୍ ଭାଗବତ୍ ଗୀତା ଅନୂଦିତ ହୋଇଥିଲା । ମହାତ୍ମାଗାନ୍ଧୀ ସେତେବେଳେ ଦେଶବାସୀଙ୍କୁ ଆହ୍ୱାନ କଲେ ନୂତନ ଶିକ୍ଷା ଓ 'ନୟୀ ତାଲିମ୍' ର ପ୍ରବର୍ତ୍ତନ ପାଇଁ । ସେତେବେଳେ ଯେଉଁ ଉତ୍କଳ ମୌଳିକ ଶିକ୍ଷା ପରିଷଦଗଠନ କରାଗଲା, ସେହି ପରିଷଦର ସଭାପତି ଥିଲେ ଆଚାର୍ଯ୍ୟ ହରିହର । ସେ ଯେଉଁ କ୍ଷେତ୍ରରେ ଥାଆନ୍ତୁନା କାହିଁକି, ଶିକ୍ଷକତା କେବେ ହେଲେ ଛାଡ଼ି ନାହାନ୍ତି ।

ପଣ୍ଡିତ ଗୋଦାବରୀଶ ମିଶ୍ର ତାଙ୍କ ଆତ୍ମକାହାଣୀରେ ଲେଖିଛନ୍ତି - 'ସେ ଥିଲେ ଆମ ସମସ୍ତଙ୍କର ହରି ଭାଇନା । ସେବା ଓ ଚରିତ୍ରବତ୍ତାରେ ଆମ୍ଭେମାନେ ତାଙ୍କୁ ଆଦର୍ଶ କରି ଧରିଥିଲୁ । ସେ ମିଛ କହି ଜାଣୁ ନଥିଲେ । ମିଛ କହିବାପାଇଁ ରାଜି ହୋଇ ପାଞ୍ଚ ଥର ଆବୃତ୍ତି କଲେ ମଧ୍ୟ କହିଲାବେଳକୁ ସତଟା ପାଟିରୁ ଗାଳି ପକାଉଥିଲେ । କେବଳ ଓଡ଼ିଶା ବା ଭାରତ କାହିଁକି, ସମଗ୍ର ପୃଥିବୀରେ ଏ ପର୍ଯ୍ୟନ୍ତ ଖୁବ୍ କମ୍ ଲୋକ ଜନ୍ମ ନେଇଛନ୍ତି ଯେଉଁମାନେ କି ମିଛ କହି ଜାଣୁ ନଥିବେ ।'

ଅନେକ ସମୟରେ ଆଚାର୍ଯ୍ୟ ଗୋଟିଏ କଥା କହନ୍ତି, 'ଆମେ ମିଥ୍ୟା ନ କହି ମଧ୍ୟ ଜୀବନରେ ଅନେକ ସମୟରେ ମିଥ୍ୟାଚାର କରିଥାଉଁ ।' ଆଚାର୍ଯ୍ୟଙ୍କର ନିର୍ଦ୍ଦିଷ୍ଟ ମତ ଥିଲା ଯେ, 'ତୁମେ ଯେଉଁ ଶପଥ ନେବ, ତା'ର ବିରୁଦ୍ଧାଚରଣ କଲା ଭଳି ଯଦି କିଛି କାର୍ଯ୍ୟ କଲ, ତେବେ ତାହା ମିଥ୍ୟାଚାର ହିଁ ହେଲା ।' 'ସତ୍ୟ' ଓ 'ସଂକଳ୍ପରକ୍ଷା' - ଦୁଇଟି ସମାନାର୍ଥବାଚକ ଶବ୍ଦ ବୋଲି ସେ ବାରମ୍ବାର କହିଛନ୍ତି ।

ତାଙ୍କ ଚେହେରାଟି ଯିଏ ଦେଖିବ, ବେଶଭୂଷାକୁ ଯିଏ ଲକ୍ଷ୍ୟ କରିଥିବ ତାଙ୍କ ସାଙ୍ଗରେ ଥରେ କେବେ ବସି ପୁରୀ ଗୋପବନ୍ଧୁ ଭବନ ବା କଟକ ଭୂଦାନ ଅଫିସ୍‌ରେ ଖାଇଥିବ, ସେ କେବେହେଲେ ଅନୁମାନ କରିପରିବ ନାହିଁ ଯେ ସେଇ ଲୋକଟି ଭିତରେ କିପରି ମଉଜିଆ କଥା ଓ ହାସ୍ୟରସ ପୁରି ରହିଥିଲା । କଥାବାର୍ତ୍ତା ବେଳେ ସେ ମଜାରେ ମଜାରେ ଏମିତି ପଦେ କହିଦେବେ ଯେ ତାଙ୍କ ସହିତ ଯୁକ୍ତି କରୁଥିବା ଲୋକ ପାଟିରୁ ଆଉ କଥା ବାହାରିବ ନାହିଁ ।

କ) ସତ୍ୟବାଦୀ ର ବନ ବିଦ୍ୟାଳୟ କେଉଁମାନେ ଚଳାଉ ଥିଲେ ? (୨)

ଖ) ସତ୍ୟବାଦୀ ବନ ବିଦ୍ୟାଳୟ ବନ୍ଦ ହୋଇଗଲା କାହିଁକି ? (୨)

ଗ) ଶ୍ରୀମଦ୍ ଭାଗବତ ଗୀତା କେଉଁଠାରେ ଅନୂଦିତ ହୋଇଥିଲା ? (୨)

ଘ) ମିଥ୍ୟାଚାର କହିଲେ କ'ଣ ବୁଝ ? (୨)

ଙ) ଆଚାର୍ଯ୍ୟ ଙ୍କ ଚରିତ୍ର ଚିତ୍ରଣ କର ? (୨)

Pati's ICSE ACADEMY

Question - 4.

Answer the following according to the instructions given bellow .

ନିର୍ଦ୍ଦେଶ ଅନୁସାରେ ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ସଠିକ୍ ଉତ୍ତର ବାଛି କରି ଲେଖ । (୮)

କ) ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ :- ବାସ (୧)

୧. ବାସ, ସୁଗନ୍ଧ

୨. ସୁଗନ୍ଧ, କାମନା

୩. କାମନା, ଅଭିପ୍ସା

୪. ଇଚ୍ଛା, କାମନା

ଖ) ବିପରୀତାର୍ଥକ ଶବ୍ଦ ଲେଖ :- ନିର୍ଜନ (୧)

୧. ଜନଶୂନ୍ୟ ।

୨. ଜନ ବହୁଳ ।

୩. ଲୋକାରଣ୍ୟ ।

୪. ଜନସଂଖ୍ୟା ।

ଗ) ଅର୍ଥ ବୁଝାଇ ଲେଖ :- ଗାଁ କନିଆ ସିଙ୍ଘାଣି ନାକି (୧)

୧. ଗାଁ ର କନ୍ୟା ସବୁବେଳେ ସିଙ୍ଘାଣି ନାକି ହୁଏ ।

୨. ନିଜ ଅଞ୍ଚଳରେ ସମ୍ମାନ ନପାଇବା ।

୩. ଗାଁ କନ୍ୟାର ନାକ ଲମ୍ୱା ।

୪. ଗାଁ କନିଆ ସବୁବେଳେ ନିଜର ହୁଏ ।

ଘ) ଏକ ପଦରେ ପ୍ରକାଶ କର :- ଭିକ୍ଷା ପ୍ରତି ଆଶା ରଖୁ ଥିବା ବ୍ୟକ୍ତି (୧)

୧. ଭିକ୍ଷାଶୀ

୨. ଭୀକ୍ଷାଶି

୩. ଭିକ୍ଷାସି

୪. ଭିକ୍ଷାଶି

ଙ) ଅର୍ଥଗତ ପାର୍ଥକ୍ୟ ଦର୍ଶାଅ :- ଶ୍ରବଣ, ସ୍ରବଣ (୧)

୧. ଝରିବା, ଶୁଣିବା ।

୨. କରିବା, ଶୁଣିବା ।

୩. ଶୁଣିବା, ଝରିବା ।

୪. ମାସର ନାମ, ଋଷି ପୁତ୍ର ।

ଚ) ଭ୍ରମ ସଂଶୋଧନ କର :- ନୀର୍ଜିବ (୧)

୧. ନିର୍ଜୀବ

୨. ନୀର୍ଜୀବ

୩. ନିର୍ଜିବ

୪. ନିର୍ଜବ

ଛ) ନିମ୍ନରେ ଦିଆଯାଇଥିବା ଶବ୍ଦର ଦୁଇଟି ଭିନ୍ନ ଅର୍ଥ ଲେଖ :- ବିଧି (୧)

୧. ନିୟମ, ନିତି

୨. ନିତି,ନୀତି

୩. ଭଗବାନ, ନିୟମ

୪. ଭଗବାନ, ନିତି

ଜ) ଶୁଦ୍ଧ ବାକ୍ୟଟିକୁ ବାଛି ଲେଖ :- (୧)

୧. ସତ୍ୟବାନ ଓ ହୁଅନ୍ତି କର୍ମଠ ଲୋକ ସବୁଠି ସଫଳ ହୁଅନ୍ତି ।

୨. ହୁଅନ୍ତି ସଫଳ ସବୁଠି ଓ ସତ୍ୟବାନ ଲୋକ କର୍ମଠ ।

୩. ସତ୍ୟବାନ ଓ କର୍ମଠ ଲୋକ ସବୁଠି ସଫଳ ହୁଅନ୍ତି ।

୪. ହୁଅନ୍ତି ସବୁଠି କର୍ମଠ ସତ୍ୟବାନ ଓ ସଫଳ ଲୋକ ।

Pati's
ICSE ACADEMY

## Section - B

ଯେ କୌଣସି ୪ଟି ପ୍ରଶ୍ନର ଉତ୍ତର ଦିଅ । ପ୍ରଶ୍ନ ଗୁଡ଼ିକର ମୂଲ୍ୟାଙ୍କନ ସମାନ ଅଟେ ।
ପଠିତ ଦୁଇଟି ପୁସ୍ତକରୁ ଗୋଟିଏ ପ୍ରଶ୍ନ ବାଧ୍ୟତା ମୂଳକ ଅଟେ ।

### କବିତା ବିଭାଗ

**Question - 5**

କରମରେ ତ ହୋଇଅଛି ଲେଖା
କରମର୍ଦ୍ଦକ ଯୋଗ୍ୟ ତୋ'ର ଶିଖା,
ହର ମଉଳି ଯୋଗ୍ୟ ଚମ୍ପକ କୁ
ଭରମରେ ବୃଥା ପଡ଼ି ଯା'ଟାକୁ ।

ଜଗତେ କେବଳ (କବିସୂର୍ଯ୍ୟ ବଳଦେବ ରଥ)

କ) 'କରମର୍ଦ୍ଦକ' କ'ଣ ? ଏହା କେଉଁଠାରେ ବ୍ୟବହୃତ ହୁଏ ? (୨)
ଖ) ଚମ୍ପକ କେଉଁଠାକୁ ଯୋଗ୍ୟ ? କାହିଁକି ? (୨)
ଗ) ଭ୍ରମରେ କିଏ କିପରି ପଡ଼େ ? କବି ଏପରି କହିବାର କାରଣ କ'ଣ ? (୩)
ଘ) ନିର୍ଲଜ ବୋଲି କବି କାହାକୁ କାହିଁକି କହିଛନ୍ତି ? (୩)

**Question - 6**

ପ୍ରିୟଜନ ପ୍ରିୟସ୍ଥାନ ମୁଁ ଛାଡ଼ି ବନ୍ଦୀ ଏଠାରେ,
ବିରହ ବିଷମ ବିଷେ ମୋ ମନ ପରାଣ ଘାରେ ।
ବିଶ୍ୱ ପ୍ରକୃତିରେ ଦେଖିଲେ ସମହୃଦବେଦନା,
ତାପିତ ଅନ୍ତରେ ଆସିବ ଅବା କ୍ଷଣେ ସାନ୍ତ୍ୱନା ।

ବନ୍ଦୀର ବିରହ ବ୍ୟଥା ( ଉତ୍କଳମଣି ଗୋପବନ୍ଧୁ ଦାସ )

କ) କିଏ କେଉଁଠାରେ କାହିଁକି ବନ୍ଦୀ ହୋଇଥିଲେ ? (୨)
ଖ) "ବିଷମ ବିଷ" ବୋଲି ଏଠାରେ କାହାକୁ ଦର୍ଶାଯାଇଛି ? (୨)
ଗ) କାହାର ଅନ୍ତର ତାପିତ ଥିଲା ବୋଲି କବି କହିଛନ୍ତି ? କାହିଁକି ? (୩)
ଘ) କିଏ କିପରି ସାନ୍ତ୍ୱନା ପାଇବ ? ସାନ୍ତ୍ୱନାର ଆବଶ୍ୟକତା କ'ଣ ଥିଲା ? (୩)

**Question - 7**

ନିର୍ବାକ ରାଜା ଅନାଇ ରହିଲେ ମୁଗ୍ଧେ ଚକିତ ଚକ୍ଷେ,
କାଞ୍ଚି ଜେମାର ବରଣ ମାଲ୍ୟ ଶୋହିଲା ନଗନ ବକ୍ଷେ ।

ମଣିକାଞ୍ଚନ ଯୋଗ ( ରାଧାମୋହନ ଗଡ଼ନାୟକ)

କ) ରାଜା କିଏ ? ସେ ନିର୍ବାକ ହୋଇ ଗଲେ କାହିଁକି ? (୨)
ଖ) କାଞ୍ଚି ଜେମା କାହାକୁ କିପରି ଅବସ୍ଥାରେ ବରଣମାଲ୍ୟ ଦେଇଥିଲେ ? (୨)
ଗ) ରାଜା ମୁଗ୍ଧ ହେବାର କାରଣ କ'ଣ ? (୩)
ଘ) ଜନତା ମନ୍ତ୍ରୀଙ୍କର ଜୟକାର କଲା କାହିଁକି ? (୩)

Pati's
ICSE ACADEMY

## ଗଳ୍ପ ବିଭାଗ

**Question - 8**

ଯୁବତୀ ଛଟପଟ ହୋଇ ମୁହଁ ମାଡ଼ି ପଡ଼ି ଅତି ବିଚିତ୍ର ଦୃଶ୍ୟ ଦେଖିଲା । ଯେଉଁ ଗାଁରେ ନୀଳ ମାଷ୍ଟରାଣୀ ପିଲାଙ୍କୁ ପଢ଼ାଉଛି ସେହି ଗାଁର କେତକ ଯୁବକଙ୍କ ଉଦ୍ୟମରେ ଗୋଟିଏ ଯାତ୍ରାଦଳ ବାହାରିଲେ ।

ନୀଳ ମାଷ୍ଟରାଣୀ (ଗୋଦାବରୀଶ ମହାପାତ୍ର)

କ) ଯୁବତୀଟି କିଏ ? ସେ କେଉଁଠାରେ ମୁହଁମାଡ଼ି ପଡିଥିଲା ? (୨)

ଖ)କେଉଁ ଦୃଶ୍ୟକୁ ବିଚିତ୍ର ଦୃଶ୍ୟ କୁହାଯାଇଛି ? (୨)

ଗ) ଯୁବକମାନେ କିଏ ? ସେମାନେ କ'ଣ କରୁଥିଲେ ? ଲୀଳା ଗୁଡ଼ିକର ନାମ ଲେଖ । (୩)

ଘ) ନୀଳ ମଷ୍ଟରାଣୀ ଦ୍ରୌପଦୀ ବେଶ ଧାରଣ କଲା କାହିଁକି ? ତା'ର ଏହି ବେଶ ଲୁଚିଗଲା କାହିଁକି ? (୩)

**Question - 9**

ସନାତନକୁ ବାହାରୁ ଚୁପଚାପ୍ ମନେ ହେଉଥିଲେ ବି ଭିତରେ ସେ ଗୋଟାସୁଦ୍ଧା କ୍ରୋଧରେ ଥରୁଥିଲା ।

ସମାନ୍ତର ସରଳରାଖା (ବିଭୂତି ପଟ୍ଟନାୟକ)

କ) ସନାତନ କିଏ ? ନାରଣ ଦାସଙ୍କ ଠାରୁ ସେ ଭିନ୍ନ ଥିଲା କିପରି ? (୨)

ଖ) ସନାତନ ପିତାଙ୍କ ଠାରୁ କେଉଁ ସାହାଯ୍ୟ ମାଗିଥିଲା ? (୨)

ଗ) ନାରଣ ଦାସଙ୍କ ମତରେ ସତ୍ୟାଗ୍ରହୀ କିଏ ? ସେ କାହାର ଉଦାହରଣ ଦେଇଥିଲେ ? (୩)

ଘ) ପିତା ପୁତ୍ରର ଶେଷ ଯୋଗସୂତ୍ରଟି ବିଚ୍ଛିନ୍ନ ହୋଇଗଲା କାହିଁକି ? (୩)

**Question - 10**

ପରିଚିତ କୁ ଭୀଷଣ ଅପରିଚିତ ଭାବେ ଦେଖିବାର ପ୍ରଚଣ୍ଡ ବିଧାନର ତାଡ଼ନାରେ ତା' ଆଖି ଦୁଇଟି ବିସ୍ଫାରିତ ହୋଇଗଲା ।

କୃପାଣ (ମନୋଜ ଦାସ)

କ) ପଲଟୁ କିଏ ? ତା' ପାଇଁ ଭୀଷଣ ଅପରିଚିତ କିଏ ଥିଲା ? (୨)

ଖ) ପରିଚିତ କିଏ ? ସେ ଅପରିଚିତ ପାଲଟିଗଲେ କାହିଁକି ? (୨)

ଗ) ସୁକୁମାର ଅବସନ୍ନ ଅନୁଭବ କଲା କାହିଁକି ? (୩)

ଘ) କେଉଁଥି ପାଇଁ ସୁକୁମାର ର ଆତ୍ମ ବିଶ୍ୱାସ ନଥିଲା ? ସେ ପଲଟୁ ହୃତପ୍ରତ୍ୟୟ ଫେରାଇ ଆଣିବାକୁ କ'ଣ କଲା ? (୩)

Pati's ICSE ACADEMY

## ଉପନ୍ୟାସ ବିଭାଗ

**Question - 11**

ଗାଁ ଟିର ଭୁଗୋଳ ଥିଲା ବିସ୍ମୟକର, ଚାରି କଡ଼ରେ ବିଲ ଓ ବିଲ । ତିନି କିଲୋମିଟର ବ୍ୟାସାର୍ଦ୍ଧରେ ବିଲମାଳକୁ ଛାଡ଼ି କିଛି ନାହିଁ ।

ଅଦୂର ସକାଳ (ପ୍ରଶାନ୍ତ ମହାନ୍ତି)

କ) ଏଠାରେ କେଉଁ ଗାଁର ଉଲ୍ଲେଖ ହୋଇଛି ? ଗାଁର ଲୋକ ସଂଖ୍ୟା କେତେ ? (୨)

ଖ) ଗାଁ ର ଭୁଗୋଳ ବିସ୍ମୟକର ଥିଲା କାହିଁକି ? (୨)

ଗ) କ୍ୟାମ୍ପ କେଉଁଠାରେ ପଡ଼ିଥିଲା ? କ୍ୟାମ୍ପର ମୁଖ୍ୟ ଉଦ୍ଦେଶ୍ୟ କ'ଣ ଥିଲା ? କେତେ ଜଣ ପିଲା ଯୋଗ ଦେଇଥିଲେ ? (୩)

ଘ) କ୍ୟାମ୍ପର ପ୍ରୋଗ୍ରାମ ଅଫିସର କିଏ ଥିଲେ ? କେଉଁମାନେ ସଂଧ୍ୟା ମିଟିଙ୍ଗ୍‌ରେ ଉପସ୍ଥିତ ଥିଲେ ? (୩)

**Question - 12**

ପକେଟ ଅଣ୍ଡାଳି ତିନିଟଙ୍କା ଆଠଅଣା ବାହାର କରି ବଜାରରୁ ଅଧା ବିଡ଼ାଏ କାଗଜ ଓ ବଲପେନ୍‌ଟାଏ କିଣିଲା । ଲେଖିଲା ଚିଠି ଅନ୍ୟୁନ ତିରିଶ ଜଣ ଯୁବବନ୍ଧୁଙ୍କ ନିକଟକୁ ।

ଅଦୂର ସକାଳ (ପ୍ରଶାନ୍ତ ମହାନ୍ତି)

କ) କପିଳା କାହାକୁ କାହିଁକି ଚିଠି ଲେଖିଲା ? (୨)

ଖ) କପିଳା ସାଙ୍ଗ ମାନଙ୍କଠାରୁ କେଉଁ ସାହାଯ୍ୟ ଚାହୁଁଥିଲା ? (୨)

ଗ) ମଦନ କିଏ ? ତା' ବୋଉ ମଦନର ବାହାଘର ପାଇଁ କିପରି ପ୍ରସ୍ତୁତ ହେଉଥିଲା ? (୩)

ଘ) କପିଳା ମଦନକୁ କେଉଁ ଉପଦେଶ ଦେଲା ? (୩)

**Question - 13**

ମୁଖ୍ୟମନ୍ତ୍ରୀଙ୍କ ମୁକ୍ତକଣ୍ଠର ଏପରି ପ୍ରଶଂସା ଲୋକଙ୍କ ଭିତରେ ଅନେକ ସମ୍ଭାବନା ସୃଷ୍ଟି କରିଥିଲେ ମଧ୍ୟ କିଛିଲୋକ ଏହାକୁ ଏକ ଆହ୍ୱାନ ରୂପେ ଗ୍ରହଣ କଲେ ।

ଅଦୂର ସକାଳ (ପ୍ରଶାନ୍ତ ମହାନ୍ତି)

କ) ମୁଖ୍ୟମନ୍ତ୍ରୀ କପିଳାର ପ୍ରଶଂସା କରି କ'ଣ କହିଲେ ? (୨)

ଖ) ସେ ଦରଦୀ ଅନୁଷ୍ଠାନ ବିଷୟରେ କି ବକ୍ତବ୍ୟ ଦେଲେ ? (୨)

ଗ) ଏହି ବକ୍ତବ୍ୟକୁ କିଏ ପରୋକ୍ଷରେ ସମାଲୋଚନା ବୋଲି ଭାବି ଆତଙ୍କିତ ହେଲେ ? କିଏ କେଉଁ ଯୋଜନା ମାନ ପ୍ରସ୍ତୁତ କଲେ ? (୩)

ଘ) ରାଜନୀତି ସମୀକ୍ଷକମାନେ ମୁଖ୍ୟମନ୍ତ୍ରୀଙ୍କ ଏପରି ପ୍ରଶଂସା ଉପରେ କି ମତ ଦେଇଥିଲେ ? (୩)

Pati's
ICSE ACADEMY

## ଏକାଙ୍କିକା ବିଭାଗ

**Question - 14**

ଲଳିତ :- ଇଏ କୋଉ ବିଜୟ କିରେ ବାପ ?

ଶରତ :- ଏଇ ପରା ଆମ ମଲ୍ଲିରପଡ଼ାର ସେଇ ବିଜୟ ଭାଇ ।

ଲଳିତ :- ଏଁ ! ସେଇ ବିଜୁ ।

ଏଇପତାକା ତଳେ ( କୁଳମଣି ମହାପାତ୍ର)

କ) ଶରତ ଓ ଲଳିତ କିଏ ? ସେମାନେ କେଉଁ ବିଷୟରେ କଥା ହେଉଥିଲେ ? (୨)

ଖ) ବିଜୟ କିଏ ? ସେ କ'ଣ କରି ନାଁ କମେଇ ଥିଲା ? (୨)

ଗ) କେଉଁ ଲଢେଇ ବେଳେ ପ୍ରଧାନମନ୍ତ୍ରୀଙ୍କୁ କେଉଁ ଧ୍ୱନିକୁ ପୁଣିଥରେ ଉଠେଇବାକୁ ପଡ଼ିଥିଲା ? (୩)

ଘ) ଯବାନଙ୍କ ଭାତହାଣ୍ଡି କହିଲେ କ'ଣ ବୁଝ ? (୩)

**Question - 15**

ଚଞ୍ଚଳା :- ବୁଝିଲ ମହେନ୍ଦ୍ର - ଚକେ ଗଡ଼ିଲେ ବାର ହାତ, ଆଜିଠୁ ସେ ସବୁ ଝମେଲା ତୁଟେଇ ନ ଦେଲେ,ତୁମର ଏଇ ଯୋଉ ଭାଇ ନା............ ଛାଡ଼ ।

ଆହୂତି (କାର୍ତ୍ତିକ ଚନ୍ଦ୍ର ରଥ)

କ)ଚଞ୍ଚଳା କିଏ ? ସେ କେଉଁ ଝମେଲା ବିଷୟରେ କାହାକୁ ଅବଗତ କରାଉଥିଲେ ? (୨)

ଖ) ଚକେ ଗଡ଼ିଲେ ବାରହାତ ର ଅର୍ଥ କ'ଣ ? (୨)

ଗ) ମହେନ୍ଦ୍ର କିଏ ? ସେତେ ବେଳେ ସେ କେଉଁଠାରେ ଥିଲେ ? ସେଠାରେ ତାଙ୍କ ଉପସ୍ଥିତିର ପ୍ରୟୋଜନ କ'ଣ ଥିଲା ? (୩)

ଘ) ଦେବେନ୍ଦ୍ର ଭାଇମାନଙ୍କୁ କେଉଁ ପ୍ରସ୍ତାବ ଦେଲେ ? (୩)

**Question - 16**

ଜୟମୂନୀ - ହାକା ତ ହାକା ......... ଆଉ ହାକା କ'ଣ ? ବନସ୍ତରେ ବାଘ ବୁଲୁଥିବ । ଆମେ ମଞ୍ଚାଟିଏ ବାନ୍ଧି, ବନ୍ଧୁକ ଧରି ନେତାଙ୍କ ସାଙ୍ଗେ ବସିଥିବା ।

ବାଘ ଶିକାର ( ରଣଜିତ୍ ପଟ୍ଟନାୟକ)

କ) ହାକା କହିଲେ କ'ଣ ବୁଝ ? (୨)

ଖ) ହାକା ର ଆବଶ୍ୟକତା କ'ଣ ଥିଲା ? (୨)

ଗ) କିଏ କାହିଁକି କେଉଁ ଶିକାର ପାଇଁ ଆସିଥିଲା ? (୩)

ଘ) ଶେଷରେ କାହାର ଶିକାର କିଏ କରିଥିଲା ? ଏପରି ଶିକାର କରିବାର କାରଣ କ'ଣ ? (୩)

*******

**Scan QR code** for Free Access to
500+ Prelim Papers across 20 subjects



























